ସମ୍ବାଦ

କଟକ ଯାଏଁ ଏ କଛ ଯୁଦ୍ଧଙ୍କ ମଲୁନ୍।

ସିଟି କଲେଜରେ ଶକ୍ତିଶ୍ରୀ ସଶକ୍ତୀକରଣ କୋଷ ଗଠିତ

କଟକ,୮।୮(ଇମିସ): ନେତାଜୀ ସୁବାଷ ସିଟି କଲେଜରେ ୨୦୨୬-୨୭ ଶିକ୍ଷା ବର୍ଷର 'ଶକ୍ତିଶ୍ରୀ ସଶକ୍ତୀକରଣ କୋଷ' ଗଠନ ହୋଇଛି। ଅଧ୍ୟକ୍ଷା ଡକ୍ଟର ରିନା ଘଡେଇ କୋଷର ସଭାପତି ଭାବେ, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ସ୍ମିତା ଅପରିମିତା ନାୟକ ଶକ୍ତିଶ୍ରୀ ସଂଯୋଜିକା, ଇଂରାଜୀ ସମ୍ମାନର ଶେଷ ବର୍ଷ ଛାତ୍ରୀ ରାକ୍ଷୀ ନାୟକ ଶକ୍ତିଶ୍ରୀ ସାଥୀ ଓ ପ୍ରତ୍ୟକ ସମାନର ଜଣେ ଜଣେ ଛାତ୍ରୀ ଶ୍ରେଣୀ ପ୍ରତିନିଧି ଭାବେ ଚୟନ ହୋଇଛନ୍ତି। ଏହି ଅବସରରେ ଶକ୍ତିଶ୍ରୀ ସଶକ୍ତୀକରଣ କୋଷ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନବିକ ଅଧିକାର ଓ ସାମାଜିକ ନାୟ କମିସନ ଇଣ୍ଡିଆ ଗ୍ଲୋବାଲ ଡବ୍ଲୁଡବ୍ଲୁଏର ଜାତୀୟ ଉପସଭାପତି ଡକ୍ଟର ସମିମ୍ ଆରା ମୁସ୍ତଫା ଯୋଗ ଦେଇଥିଲେ। ଅଧ୍ୟାପିକା ପାୟଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

CUTTACK Edition
Page No 14 August 09, 2026